# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30th June – 2026

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ ଭିବି- ଜି.ରାମ.ଜି. ଗ୍ରାମୀଣ ଆଇନ୍ ୨୦୨୫
- ରାଜ୍ୟରେ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ ପ୍ରତିଷ୍ଠା ପାଇଁ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ
- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଅଣସର ନୀତି; ପୂଜା ପାଉଛନ୍ତି ପଟ୍ଟିଦିଅଁ

ଏବଂ

- ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବାଲାଂଦେଶ ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ

# ସେଣ୍ଟର - ଭିବି ଜି. ରାମ୍ ଜି.

ବିକଶିତ ଭାରତ - ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଆଇନ୍ ୨୦୨୫ ଆସନ୍ତାକାଲିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେବ। ଏହି ଆଇନ୍ ଅଧୀନରେ ଗ୍ରାମାଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରତ୍ୟେକ ଦିନ କାମ ଯୋଗାଇ ଦେବାକୁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି।  କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଭିବି ଜି ରାମ ଜି ଆଇନ୍ ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ନିଶ୍ଚିତ କାମ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।
ଭିବି-ଜି. ରାମ୍ ଜି. ଆଇନ’ ପ୍ରଚଳିତ ୨୦୦୫ ମସିହାର ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଗ୍ରାମୀଣ ବିକାଶ ଓ ପରିବାରଗୁଡ଼ିକୁ ସଶକ୍ତ କରିବା ଏବଂ ଆର୍ଥିକ ସୁରକ୍ଷା ଭଳି ବ୍ୟବସ୍ଥା ନୂଆ ଆଇନ୍‌ରେ ରହିଛି।  ୨୦୪୭ ବିକଶିତ ଭାରତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ନୂଆ ଆଇନ୍ ପ୍ରଣୟନ କରାଯାଇଛି।

**ମୁକେଶ ମହାଲିଙ୍ଗ**

ରାଜ୍ୟରେ ଏକ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ-ଏ.ଆଇ.ଆଇ.ଏ. ପ୍ରତିଷ୍ଠା ପାଇଁ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଜାଧବଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରସ୍ତାବ ଦେଇଛନ୍ତି। ନୂଆଦିଲ୍ଲୀ ଗସ୍ତ ଅବସରରେ କାର୍ଯ୍ୟାଳୟରେ ସାକ୍ଷାତ କରି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଏ.ଆଇ.ଆଇ.ଏ. ପ୍ରତିଷ୍ଠା ପାଇଁ ଭୁବନେଶ୍ୱରଠାରେ ପ୍ରାୟ ୧୦୦ ଏକର ପରିମିତ ସରକାରୀ ଜମି ଚିହ୍ନଟ ହୋଇଛି। ପୂର୍ବ ଭାରତରେ କୌଣସି ଜାତୀୟସ୍ତରୀୟ ଆୟୁର୍ବେଦ ସଂସ୍ଥାନ ପ୍ରତିଷ୍ଠା ହୋଇନାହିଁ। ଓଡ଼ିଶାର ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଫଳରେ ରାଜ୍ୟର ସ୍ୱାସ୍ଥ୍ୟସେବା ଓ ଉଚ୍ଚଶିକ୍ଷାକୁ ପ୍ରୋତ୍ସାହନ ମିଳିବା ସହିତ ସମଗ୍ର ପୂର୍ବ ଓ ମଧ୍ୟ ଭାରତର ଜନସାଧାରଣଙ୍କ ପାଇଁ ଜାତୀୟସ୍ତରୀୟ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ହୋଇପାରିବ। ଗସ୍ତ ଅବସରରେ ଡକ୍ଟର ମହାଲିଙ୍ଗ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ଭାରତ ଡିଜିଟଲ ମିଶନର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି।

## କନକ ବର୍ଦ୍ଧନ ସିଂହଦେଓ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଉପଭୋକ୍ତା ଓ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ଏବଂ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସମୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସ୍ଥାୟୀ ଶକ୍ତିର ବ୍ୟବହାର ଓ କେନ୍ଦ୍ର ସହିତ ରାଜ୍ୟର ସମବାୟ ଢାଞ୍ଚାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ। ଶକ୍ତି ବିଭାଗର

ଅତିରକ୍ତି ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟ ଉପରେ କେନ୍ଦ୍ରମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ।

## ରବି ଧାନ ସଂଗ୍ରହ

ରାଜ୍ୟରେ ରବିଧାନ ସଂଗ୍ରହ ଅବଧିକୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଚଳିତବର୍ଷ ସରକାର ୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବର୍ତ୍ତମାନସୁଦ୍ଧା ୧୮ ଲକ୍ଷ ୭୯ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ୫ଟି ଜିଲ୍ଲାରେ ଧାନ ସଂଗ୍ରହ ହୋଇ ନ ଥିବାରୁ ଅବଧିକୁ ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

**- V/O -**

## ପ୍ରଭାତୀ ପରିଡା

ଭୁବନେଶ୍ୱରଠାରେ ଆଜି ରାଜ୍ୟର ସମସ୍ତ ଜିଲ୍ଲାର ନବନିଯୁକ୍ତ ଶିଶୁମଙ୍ଗଳ ସମିତି-ସିଡବ୍ଲ୍ୟୁସି'ର ଅଧ୍ୟକ୍ଷ ଓ ସଦସ୍ୟଙ୍କ ପାଇଁ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଏହି ପ୍ରଶିକ୍ଷଣ ମାଧ୍ୟମରେ ଶିଶୁମାନଙ୍କ ଯତ୍ନ, ସୁରକ୍ଷା, ପୁନର୍ବାସ ଓ ଅଧିକାର ସୁରକ୍ଷା କ୍ଷେତ୍ରରେ ଶିଶୁ ମଙ୍ଗଳ ସମିତି ସଦସ୍ୟଙ୍କ ଦକ୍ଷତା ସୁଦୃଢ଼ ହୋଇପାରିବ। ଶିଶୁଙ୍କ ସୁରକ୍ଷା, ବିକାଶ ଓ ଅଧିକାର ସୁନିଶ୍ଚିତ କରିବା ଦିଗରେ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ତଥା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷା ଡକ୍ଟର ମୃଣାଳିନୀ ଦର୍ସ୍ୱାଲ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଦ୍ରବ୍ୟ ଓ ସେବା କର

ଦ୍ରବ୍ୟ ଓ ସେବା କର ଆଇନ୍ ଅଧୀନରେ ଅପିଲ ଦାଖଲ କରିବାର ସମୟସୀମାକୁ ସରକାର ବୃଦ୍ଧି କରିଛନ୍ତି । ଆପେଲାଟ ଟ୍ରିବ୍ୟୁନାଲରେ ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ଏ ସଂକ୍ରାନ୍ତ ଆବେଦନ ଦାଖଲ କରାଯାଇ ପାରିବ । ପୂର୍ବରୁ ଏଥିପାଇଁ ଆଜି ଶେଷ ତାରିଖ ଧାର୍ଯ୍ୟ ହୋଇଥିଲା । ଟ୍ରିବ୍ୟୁନାଲ ପୋର୍ଟାଲରେ ବୃଦ୍ଧି ପାଉଥିବା ଆବେଦନ ପରିମାଣକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି । ତେବେ ବର୍ଦ୍ଧିତ ସମୟସୀମା ସୁଦ୍ଧା ଆବେଦନ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ।

## ଅଣସର- ଅଲାରନାଥ ଦର୍ଶନ

**ପୁରୀ** ଶ୍ରୀମନ୍ଦିରରେ ଆଜିଠାରୁ ଶ୍ରୀଜିଉଙ୍କର ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି । ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ, ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ, ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ ଏବଂ ସୁଦର୍ଶନଙ୍କ ସ୍ଥାନରେ ପତିତପାବନ ପୂଜା ପାଉଛନ୍ତି । ଜ୍ୱର ପୀଡା ଲାଘବ ପାଇଁ ଶ୍ରୀଜିଉଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରାଯିବ । ରାଜବୈଦ୍ୟ ପ୍ରସ୍ତୁତ କରୁଥିବା ଦଶମୂଳ ମହୌଷଧି ସେବନ ପରେ ମହାପ୍ରଭୁ ସୁସ୍ଥ ହେବେ । ଏହି

ସମୟ ମଧ୍ୟରେ ଶ୍ରୀମନ୍ଦିରରେ ପଚ୍ଚିଦିଅଁଙ୍କୁ ପୂଜା କରାଯିବାର ପରମ୍ପରା ରହିଛି ।

ସେହିଭଳି ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କ ପୀଠରେ ଆଜିଠାରୁ ଦର୍ଶନ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ଆସନ୍ତା ୧୪ ଦିନ ଧରି ପ୍ରଭୁ ଅଲାରନାଥଙ୍କ ଦର୍ଶନ କରିପାରିବେ।

## ଅଣସର-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରଗୁଡ଼ିକରେ ଠାକୁରଙ୍କର ଅଣସର ନୀତି ଆରମ୍ଭ ହୋଇଛି। **ନୟାଗଡ଼** ଜିଲ୍ଲା ରଣପୁରଠାରେ ମନ୍ଦିରରେ ଶ୍ରଦ୍ଧାଳୁମାନେ ପଚ୍ଚିଦିଅଁଙ୍କୁ ଦର୍ଶନ କରୁଛନ୍ତି। ଅଣସର ଘରେ ଠାକୁରଙ୍କର ଗୁପ୍ତ ନୀତି ଜାରି ରହିଛି। **କେନ୍ଦ୍ରାପଡ଼ା** ଜିଲ୍ଲା ତୁଳସୀକ୍ଷେତ୍ର ଶ୍ରୀ ବଳଦେବଜୀଉଙ୍କ ଅଣସର ପିଣ୍ଡି ଗୁପ୍ତ ସେବା ଆଜିଠାରୁ ଆରମ୍ଭ ହୋଇଛି। ମୁଖ୍ୟ ମନ୍ଦିର ଗରୁଡସ୍ତମ୍ଭ ନିକଟରେ ଆଜିଠାରୁ ପଚ୍ଚିଦିଅଁଙ୍କ ଉପାସନା ହେଉଛି। **ସୁବର୍ଣ୍ଣପୁର** ପାତାଳିଶ୍ରୀକ୍ଷେତ୍ରଠାରେ ଆଜି ପ୍ରତ୍ୟୁଷରୁ ପଚ୍ଚିଦିଅଁଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ବୈଠକ

**କଳାହାଣ୍ଡି** ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି ସଭା-ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ମାଳବିକା ଦେବୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଓ ଅଗ୍ରଗତିର ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ

କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପାନୀୟ ଜଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ୧୨ ବର୍ଷ ପୂର୍ତ୍ତି

**ନୟାଗଡ଼** ଜିଲ୍ଲା ରଣପୁରଠାରେ କେନ୍ଦ୍ରରେ ଏନ୍‌ଡିଏ ସରକାରଙ୍କର ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢୀ ଏଥିରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ରଣପୁର ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉପରେ ଆଲୋକପାତ କରିଥିଲେ।

## ଏସ୍‌ଆଇଆର

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭୋଟର ତାଲିକାକୁ ସଂପୂର୍ଣ୍ଣ ତ୍ରୁଟିମୁକ୍ତ କରିବା ନିମନ୍ତେ ଉପଲବ୍ଧ ସମସ୍ତ ସୁବିଧା ଓ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସଠିକତା ଉପରେ ମତ ବିନିମୟ କରିଥିଲେ। ଗତ ମଇ ମାସ ୩୦ ତାରିଖରୁ ଆରମ୍ଭ ହୋଇଥିବା ପରିଗଣନା ଫର୍ମ ପୂରଣ କାର୍ଯ୍ୟ ଗତ ରବିବାର ଦିନ ଶେଷ

ହୋଇଛି। ଆସନ୍ତା ମାସ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ପରେ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସମ୍ବନ୍ଧୀୟ ଦାବି ଓ ଆପତ୍ତି ଦାଖଲ କରାଯିବ।

## ସମୀକ୍ଷା

**ବୌଦ୍ଧ** ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିକାଶମୂଳକ ଯୋଜନାଗୁଡ଼ିକର ସ୍ଥିତି ନେଇ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସମୀକ୍ଷା କରିଛନ୍ତି। କଣ୍ଟାମାଳ ବ୍ଲକ୍‌ର ବିଭିନ୍ନ ଅଂଚଳ ପରିଦର୍ଶନ କରି ଶ୍ରୀ ନାୟକ ସ୍ଥିତି ସମୀକ୍ଷା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। କର୍ମପଦର ଏବଂ ସୁଣ୍ଡିପଦର ଧାନ ମଣ୍ଡିକୁ ଯାଇ ଧାନ ସଂଗ୍ରହ ପ୍ରକ୍ରିୟା ତଦାରଖ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଛନ୍ତି।

## ପିଏମ୍ ସ୍ୱନିଧି

ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ୬ ବର୍ଷ ପୂର୍ତ୍ତି ଅବସରରେ ଗଞ୍ଜାମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ ଏଥିରେ ଯୋଗଦେଇ ସ୍ୱନିଧି ଯୋଜନାର ସୁବିଧା-ସୁଯୋଗଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ଜିଲ୍ଲାପାଳ ଭି.କିର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କେ.ଅନୀଲ କୁମାର ପ୍ରମୁଖ ଯୋଗଦେଇ କ୍ଷୁଦ୍ର ବ୍ୟବସାୟୀଙ୍କୁ ସଶକ୍ତ କରିବାରେ  ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର କାର୍ଯ୍ୟକାରିତା

ଉପରେ ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ଯୋଜନା ଅଧୀନରେ ୩୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଆସନ୍ତା ଶୁକ୍ରବାର ସୁଦ୍ଧା ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍ସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ ଓ କୋରାପୁଟ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଏ ସମ୍ପର୍କରେ ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି....

**- V/O -**